# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୧୦୪ /୨୩

**ଜିଲ୍ଲା-ଭଦ୍ରକ** ତା.୨୯.୧୨.୨୦୨୩

**ପାଣିପାଗ ପୂର୍ବାନୁମାନ (ତା.୦୩.୦୧.୨୦୨୪ ପର୍ଯ୍ୟନ୍ତ )-:** ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ୫ ଦିନ ପର୍ଯ୍ୟନ୍ତ ଜିଲ୍ଲାରେ ଶୁଖିଲା ପାଗ ରହିବା ସହ ଆକାଶ ପରିଷ୍କାର ରହିବାର ସମ୍ଭାବନା ଅଛି। ପବନର ବେଗ ଘଣ୍ଟା ପ୍ରତି ୦୭-୦୮ କିମି ମଧ୍ୟରେ ରହିବ। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୮ ଓ ସର୍ବନିମ୍ନ ତାପମାତ୍ରା ୧୭-୧୮ ଡିଗ୍ରି ସେଲସିୟସ୍ ରହିବ।

## ପାଣିପାଗଭିତ୍ତିକ କୃଷି ଉପଦେଶ

❖ **ସାଧାରଣ ପରାମର୍ଶ :**

❖ **ଚାଷୀଙ୍କୁ ଖରିଫ ଫସଲର ଅବଶିଷ୍ଟାଂଶ କ୍ଷେତରେ ଜାଳି ନଦେବାକୁ ପରାମର୍ଶ କାରଣ ଏହା କେବଳ ପରିବେଶକୁ ପ୍ରଦୂଷିତ କରେ ନାହିଁ ବରଂ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।**

❖ **କୁହୁଡି, ନିମ୍ନ ତାପମାତ୍ରା ଏବଂ ଆର୍ଦ୍ରତା ଚାପରୁ କ୍ଷତି ନହେବା ପାଇଁ , ଛିଡା ହୋଇଥିବା ଫସଲକୁ ହାଲୁକା ଜଳସେଚନ ଯୋଗାନ୍ତୁ |**

❖ **ଖରିଫ ଧାନ**

- ❖ ଚାଷୀମାନେ ପରିପକ୍ୱ ଧାନ ଅମଳ କରନ୍ତୁ ଏବଂ ଦିନ ସମୟରେ ସୂର୍ଯ୍ୟକିରଣରେ ରଖି ଏହାର ଆର୍ଦ୍ରତା କମ୍ କରନ୍ତୁ।
- ❖ ଧାନ ଫସଲ ଶତକଡା ୮୦ ଭାଗ ପାଚିଗଲା ପରେ କାଟି ଶୀଘ୍ର ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବେ ଖରାରେ ୩ ରୁ ୪ ଦିନ ଶୁଖାଇ ସାଇତି ରଖନ୍ତୁ । ବିହନ ପାଇଁ ୧୨% ଆଦ୍ରତା ଓ ଖାଇବା ଉପୋଯୋଗୀ ପାଇଁ ୧୪% ଆଦ୍ରତା ରହିବା ଆବଶ୍ୟକ ।

**ବିରି**

- ❖ ଖାଲୁଆ ଅଞ୍ଚଳରେ ସ୍ଥାନୀୟ କିସମର ବିରିର ଛଟାବୁଣା କାମକୁ ସହଜ କରିଦିଅନ୍ତୁ।
- ❖ ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଗ୍ରା ମଞ୍ଜି ରେ ୨ ଗ୍ରାମ କାରବେନଡାଜିମ ଫିମ୍ପିନାଶକ କିମ୍ବା ୩ ଗ୍ରାମ (କାରବୋକ୍ସିନ + ଥିରାମ) ମିଶାଇ ବିହନ ବିଶୋଧନ କରନ୍ତୁ ।
- ❖ ବିହନ ବୁଣିବା ଦିନ ପ୍ରତି କିଗ୍ରା ବିହନରେ , ୨୦ ଗ୍ରାମ ରାଇଜୋବିୟମ ଜୀବାଣୁ କଲଚର ସହିତ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ।

**ସୋରିଷ/ତୋରିଆ-**

- ❖ ମାଟିର ଉପଯୁକ୍ତ ବତର ଥିବାରୁ ଏହାର ବିନିଯୋଗ କରି ସୋରିଷ ମଞ୍ଜି ବୁଣା ବୁଣି ଶୀଘ୍ର କରନ୍ତୁ ।
- ❖ ମଞ୍ଜି ବୁଣିବାର ଦିନକ ପରେ ଏକର ପ୍ରତି ୧.୩ ଲିଟର ପେଣ୍ଡିମିଥାଲିନ ଘାସମରା ବିଷ ୩୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ୧୫-୨୦ ଦିନ ବେଳକୁ ଅଧିକ ଗଛ ଅପଡି ପତଳା କରି ଦିଅନ୍ତୁ। ଗଛ ୨୦-୨୫ ଦିନର ହୋଇଗଲେ କୋଡାଖୋଷା କରି ଅନାବନା ଘାସ ବାଛି ୫୦% ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।
- ❖ ସୋରିଷରେ ଧଳା ରଷ୍ଟ (White rust) କୁ ନିୟନ୍ତ୍ରଣ କେିବାକୁ ହେଲେ Metalaxyl + Mancozeb ( Ridomil MZ) @ 0.2% ମାତ୍ରା ରେ ସିଂଚନ କେନ୍ତୁ। ଜଉରପାକର ଦମନ ପାଇ Methyl Demeton @ 0.02% ସିଂଚନ କେନ୍ତୁ।

❖ ଜମିରେ ଜଉ ପୋକ ଦେଖାଦେଇପାରେ, ଡମାନ କରିବା ପାଇଁ ପ୍ରତି ଲିଟର ପାଣି ରେ ୧.୫ ମି.ଲି. ଡାଇମମମଥାଏଟ୍ ୩୦% ଇ.ସି. କିମ୍ବା ୦.୩ ମି.ଲି. ଇମିଡାମକ୍ଳାପ୍ରିଡ୍ ୧୭.୮% ଏସ୍.ଏଲ୍. ମିଶାଇ ସିଞ୍ଚନ କରନ୍ତୁ ।

**ପନିପରିବା**

- **କୋବି ଜାତୀୟ ପନିପରିବା** : କୋବିଜାତୀୟ ପନିପରିବା ଫସଲେର ଆଲଟରନରିଆ ପତ୍ର ଦାଗ ରୋଗର ପରିଚାଳନା ପାଇ ଏକର ପ୍ରତି ୬୦୦ ଗ୍ରା ମ Mancozeb କିମ୍ଭା Carbendazim ଓ Mancozeb ର ମିଳିତ ଫି ମ୍ପିନାଶକକୁ ୨୦୦ ଲିଟର ପାଣିର ମିଶାଇ ସିଂଚନ କରନ୍ତୁ।
- **ବାଇଗଣ ଓ ଟମାଟ :** ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ ।
- ଟମାଟ,ବାଇଗଣ,ଲଙ୍କା ଫସଲରେ ଚାରା ରୋପଣ ପୂର୍ବରୁ ଲିଟର ପାଣି ପ୍ରତି ୨ଗ୍ରାମ (ମେଟାଲାକସିଲ + ମାଙ୍କୋଜେବ) ସହ ୧ ଗ୍ରାମ ପ୍ଲାଣ୍ଟୋମାଇସିନ ମିଶାଇ ତଳି ବିଶୋଧନ କରନ୍ତୁ।
- ପନିପରିବା ନର୍ସରୀ ଏବଂ ଜମିରେ ଥିବା ଧଳା ମାଛି, ପତ୍ରପୋଡା, ପତ୍ରଉଙ୍କୁଣି ଏବଂ ଜଉ ପୋକଙ୍କ ନିୟନ୍ତ୍ରଣ ପାଇଁ ଥାୟମେଥୋକଜାମ ୦.୪ ଗ୍ରାମ/ଲିଟର ପାଣି ପ୍ରତି ସିଞ୍ଚନ କରନ୍ତୁ।

**ଫଳ –**

- 1.ଅମୃତଭଣ୍ଡା: ଅମୃତଭଣ୍ଡା ରେ ଧଳା ମାଛି ଦମନ ପାଇ NSKE 5% ସିଂଚନ କେନ୍ତୁ।
- 2.କଦଳୀ- ସିଗାଟୋକା ଲିଫ ସ୍ପଟ ରୋଗର ପ୍ରକୋପକୁ କମ୍ କରିବା ପାଇଁ (କାରବେଣ୍ଡାଜିମ + ମ୍ୟାଙ୍କୋଜେବ) ୨ଗ୍ରାମ/ଲିଟର ପାଣି ରେ ମିଶାଇ ପ୍ରୟୋଗ କରନ୍ତୁ ।

**ମାଛ ଚାଷ**

➢ ପୋଖରୀରୁ ଅନାବନା ଘାସ, ଶିକାରୀ ଓ ଅଦରକାରୀ ଚୂନା ମାଛ ନଷ୍ଟ କରି ଏକର ପ୍ରତି ୧୦୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ।

**ପଶୁପାଳନ**

ପଶୁମାନଙ୍କୁ ନିୟମିତ ଭାବେ ଲୁଣ ସହିତ ଖଣିଜ ମିଶ୍ରଣ ଦିଆଯିବା ଉଚିତ ଏବଂ ପଶୁମାନଙ୍କର ଶକ୍ତି ଆବଶ୍ୟକତାକୁ ପୂରଣ କରିବା ପାଇଁ ଶୀତଋତୁରେ ଦୈନିକ ରାସନରେ ଗହମ ଶସ୍ୟ, ଗୁଡ଼ ଇତ୍ୟାଦି 10%-20% ପ୍ରଦାନ କରନ୍ତୁ।

ଚାଷରେର ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS : https://apps.apple.com/in/app/meghdoot/id1474048155)